The Odisha Gazette

EXTRAORDINARY
PUBLISHED BY AUTHORITY

No. 1059, CUTTACK, TUESDAY, MAY 29, 2012/ JAISTHA 8, 1934

## HOUSING & URBAN DEVELOPMENT DEPARTMENT

NOTIFICATION

The 29th May, 2012

**S.R.O. No. 287**/2012—In pursuance of sub-section(1) and Clause(h) of sub-section (2) of Section 54 of the Odisha Municipal Act, 1950 (Odisha Act 23 of 1950), the State Government do hereby publish the following resolution passed by two third of the total number of the Councillors of Sambalpur Municipality at a meeting of the said council held at 10.00 A.M. on the 7th May, 2012 in the Conference Hall of the Sambalpur Municipality specially convened by the Collector & District Magistrate, Sambalpur, and presided over by the Addl. District Magistrate, Sambalpur having been specially authorized by the Collector & District Magistrate, Sambalpur under clause(d) of sub-section(2) of Section 54 of the said Act, recording want of confidence in Smt. Reena Trivedi, Chairperson of the aforesaid Municipality along with records of proceedings at such meeting.

As such, Smt. Reena Trivedi holding the office of Chairperson of Sambalpur Municipality shall be deemed to have vacated such office with effect from the date of passing of the resolution i.e. the 7th May, 2012.

"RESOLUTION"

# ପୌର ପରିଷଦ ସମ୍ବଲପୁରର ସ୍ୱତନ୍ତ୍ର ବରାଦି ବୈଠକର ବିବରଣୀ

ତା. ୭.୫.୨୦୧୨

ସମୟ: ପୂର୍ବାହ୍ନ ଘ. ୧୦.୦୦ ମିନିଟ୍

ସ୍ଥାନ: ସମ୍ମିଳନୀ କକ୍ଷ, ପୌରପରିଷଦ, ସମ୍ବଲପୁର

ଅଦ୍ୟ ତା. ୭.୫.୨୦୧୨ ରିଖ ପୂର୍ବାହ୍ନ ଘ.୧୦.୦୦ ମିନିଟ୍ ସମୟରେ ଜିଲ୍ଲା ମାଜିଷ୍ଟ୍ରେଟ ସମ୍ବଲପୁରଙ୍କ ଆଦେଶ ସଂଖ୍ୟା ୪୩୮/ ଜେନେରାଲ, ତା.୧.୫.୨୦୧୨ ରିଖ କ୍ରମେ ଶ୍ରୀ ମାଧବ ଚନ୍ଦ୍ର ବରିହା, ଓ.ପ୍ର.ସେ. ଅତିରିକ୍ତ ଜିଲ୍ଲାପାଳ ସମ୍ବଲପୁରଙ୍କ ସଭାପତିତ୍ୱରେ ପୌରପରିଷଦ ସମ୍ବଲପୁରର ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବରାଦି ବୈଠକ ଅନୁଷ୍ଠିତ ହୋଇଥିଲା । ପରିଷଦର ୨୮ ଜଣ ସଦସ୍ୟ/ସଦସ୍ୟାଙ୍କ ମଧ୍ୟରୁ ନିମ୍ନଲିଖିତ ୨୪ ଜଣ ସଦସ୍ୟ ଉପସ୍ଥିତ ଥିଲେ ।

| କ୍ର.ସଂ. | ଉପସ୍ଥିତ ସଦସ୍ୟଙ୍କ ନାମ | ୱାର୍ଡ ନଂ. | |
|---|---|---|---|
| (1) | (2) | (3) | |
| ୧. | ଶ୍ରୀମତୀ ରୀନା ତ୍ରିବେଦୀ | ୨୩ | |
| ୨. | ଶ୍ରୀ ସିଦ୍ଧାର୍ଥ ସାହା | ୧୦ | |
| ୩. | ଶ୍ରୀ ଶ୍ରୀନିବାସ ମହାପାତ୍ର | ୧ | |
| | ଶ୍ରୀମତୀ ରଶ୍ମୀତା ଆଚାର୍ଯ୍ୟ | ୨ | ଅନୁପସ୍ଥିତ ଥିଲେ |
| ୪. | ଶ୍ରୀ ବିଜୟ ସାହୁ | ୩ | |
| | ଶ୍ରୀମତୀ ଦିପ୍ତିମୟୀ ବାରିକ | ୪ | ଅନୁପସ୍ଥିତ ଥିଲେ |
| ୫. | ଶ୍ରୀ ଭକ୍ତଚରଣ ମିର୍ଦ୍ଧା | ୫ | |
| ୬. | ଶ୍ରୀ ଅଶୋକ କୁମାର ସୋନି | ୬ | |
| ୭. | ଶ୍ରୀ ସୁରେଶ ବର୍ଲା | ୭ | |
| ୮. | ଶ୍ରୀ ଅଶ୍ୱିନୀ କୁମାର କଠାର | ୯ | |
| ୯. | ଶ୍ରୀ ସୁବାସ କୁମାର ଅଗ୍ରୱାଲ | ୧୨ | |
| ୧୦. | ଶ୍ରୀ ସରୋଜ କୁମାର ଦଲପତ୍ | ୧୩ | |
| ୧୧. | ଶ୍ରୀ ସୁଶାନ୍ତ ପୁରୋହିତ | ୧୪ | |
| ୧୨. | ଶ୍ରୀମତୀ କଳ୍ପନା ସାହୁ | ୧୫ | |
| ୧୩. | ଶ୍ରୀ ମନୋଜ କୁମାର ପୋତ | ୧୬ | |
| ୧୪. | ଶ୍ରୀମତୀ ଅନୀତା ନାୟକ | ୧୭ | |
| ୧୫. | ଶ୍ରୀ କୃଷ୍ଣଚନ୍ଦ୍ର ବେହେରା | ୧୮ | |
| ୧୬. | ଶ୍ରୀ ବିଦ୍ୟାଧର ସୁନା | ୧୯ | |
| ୧୭. | ଶ୍ରୀମତୀ ଅନୀତା ମେହେର | ୨୦ | |
| ୧୮. | ଶ୍ରୀ ଲକ୍ଷ୍ମୀନାରାୟଣ ପଟେଲ | ୨୧ | |

| (1) | (2) | (3) | |
|---|---|---|---|
| ୧୯. | ଶ୍ରୀମତୀ କୁନ୍ତଳା ସତନାମୀ | ୨୨ | |
| ୨୦. | ଶ୍ରୀମତୀ ଲକ୍ଷ୍ମୀ ଭୋଇ | ୨୪ | |
| ୨୧. | ଶ୍ରୀ ସୁଶାନ୍ତ କୁମାର ପ୍ରଧାନ | ୨୫ | |
| ୨୨. | ଶ୍ରୀମତୀ ସୂର୍ଯ୍ୟକାନ୍ତି ନାୟକ | ୨୭ | |
| ୨୩. | ଶ୍ରୀ ସୁଶାନ୍ତ କୁମାର ତନସନା | ୨୮ | |
| ୨୪ | ଶ୍ରୀ ସୁଶାନ୍ତ କୁମାର ପୁରୋହିତ | ୨୯ | |

ସମ୍ବଲପୁର ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୀନା ତ୍ରିବେଦୀଙ୍କ ବିରୁଦ୍ଧରେ ଗତ ୩୦.୪.୨୦୧୨ ରିଖରେ ଶ୍ରୀ ମନୋଜ କୁମାର ପୋଢ, ଶ୍ରୀମତୀ ଅନୀତା ନାୟକ, ଶ୍ରୀମତୀ ସୂର୍ଯ୍ୟକାନ୍ତି ନାୟକ, ଶ୍ରୀ ଶ୍ରୀନୀବାସ ମହାପାତ୍ର, ଶ୍ରୀ ସୁଶାନ୍ତ କୁମାର ପୁରୋହିତ, ଶ୍ରୀ ସୁଶାନ୍ତ କୁମାର ତନସନା, ଶ୍ରୀ ଅଶୋକ ସୋନୀ, ଶ୍ରୀମତୀ କୁନ୍ତଳା ସତନାମୀ, ଶ୍ରୀ ସୁବାସ କୁମାର ଅଗ୍ରୱାଲ, ଶ୍ରୀ ସିଦ୍ଧାର୍ଥ ସାହା, ଶ୍ରୀ ସୁରେଶ ବାର୍ଲା, ଶ୍ରୀମତୀ ଅନୀତା ମେହେର, ଶ୍ରୀ ଅଶ୍ୱିନୀ କୁମାର କଠାର, ଶ୍ରୀମତୀ କଳ୍ପନା ସାହୁ, ଶ୍ରୀମତୀ ଲକ୍ଷ୍ମୀ ଭୋଇ, ଶ୍ରୀ ବିଦ୍ୟାଧର ସୁନା, ଶ୍ରୀ କୃଷ୍ଣଚରଣ ବେହେରା, ଶ୍ରୀ ଭକ୍ତଚରଣ ମିର୍ଦ୍ଧା, ଶ୍ରୀ ବିଜୟ ସାହୁ ଓ ଶ୍ରୀ ଲକ୍ଷ୍ମୀନାରାୟଣ ପଟେଲ ଏକ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ଓ ଏହି ପ୍ରସ୍ତାବଟିକୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ତା.୩୦.୪.୨୦୧୨ ରିଖରେ ପ୍ରଦାନ କରିଥିଲେ । ଅନାସ୍ଥା ପ୍ରସ୍ତାବଟିକୁ ଓଡିଶା ମୁନିସିପାଲ ଆଇନ ୧୯୫୦ ର ଧାରା ୫୪, ଉପଧାରା (୨) (a) (b) ଅନୁଯାୟୀ ଯାଞ୍ଚ କରାଯାଇ ଏହା ଠିକ୍ ଥିବାରୁ ଧାରା ୫୪, ଉପଧାରା (୨)(c) ଅନୁଯାୟୀ ଜିଲ୍ଲାମାଜିଷ୍ଟ୍ରେଟ ପରିଷଦର ସ୍ୱତନ୍ତ୍ର ବରାଦି ବୈଠକ ତା.୭.୫.୨୦୧୨ ରିଖ ପୂର୍ବାହ୍ନ ଘ.୧୦.୦୦ ମିନିଟ୍‌ରେ ସମ୍ବଲପୁର ପୌର ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କରିବାପାଇଁ ଧାର୍ଯ୍ୟକରିଥିଲେ । ପୌର ପରିଷଦର ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ପତ୍ର ସଂଖ୍ୟା ୪୧୦, ୪୧୧, ୪୧୨, ୪୧୩, ୪୧୪, ୪୧୫, ୪୧୬, ୪୧୭, ୪୧୮, ୪୧୯ ,୪୨୦, ୪୨୧, ୪୨୨, ୪୨୩, ୪୨୪, ୪୨୫, ୪୨୬, ୪୨୭,୪୨୮, ୪୨୯, ୪୩୦, ୪୩୧, ୪୩୨, ୪୩୩, ୪୩୪, ୪୩୫, ୪୩୬, ୪୩୭ ଓ ୪୪୩/ ଜେନେରାଲ, ତା.୧.୫.୨୦୧୨ ରିଖ ଓ ଆଦେଶ ସଂଖ୍ୟା-୪୩୮/ଜେନେରାଲ୍, ତା-୦୧.୦୫.୨୦୧୨ ରିଖ ମାଧ୍ୟମରେ ପ୍ରସ୍ତାବିତ ଅନାସ୍ଥା ପ୍ରସ୍ତାବର ନକଲ ଓ ସ୍ୱତନ୍ତ୍ର ବରାଦି ବୈଠକ ଆଗତ କରିବା ପାଇଁ ପ୍ରସ୍ତାବର ନକଲ ସହିତ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ରହିବା ପାଇଁ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ଜଣାଇ ଦିଆଯାଇଥିଲା । ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କ ପତ୍ର ସଂଖ୍ୟା ୧୬୭୩, ତା.୪.୫.୨୦୧୨ ରିଖ ମାଧ୍ୟମରେ ଜିଲ୍ଲାକାର୍ଯ୍ୟାଳୟର ଉପରୋକ୍ତ ଆଦେଶ ଓ ଚିଠି ସମୁଦାୟ ୨୯ ଜଣ ସଦସ୍ୟଙ୍କ ମଧ୍ୟରୁ ୨୮ ଜଣ ସଦସ୍ୟଙ୍କୁ ଦିଆଯାଇଥିବାର ଜଣାଇଥିଲେ ଓ ଏହାର ପ୍ରାପ୍ତି ସ୍ୱୀକାର ପ୍ରେରଣ କରିଥିଲେ । ୱାର୍ଡ ନଂ.୮ ର କାଉନସିଲ ସଦସ୍ୟ ଲାଦୁରା ମୁଣ୍ଡାଙ୍କ ଗତ ତା. ୧୫.୨.୨୦୧୨ ରିଖ ଦିନ ଦେହାନ୍ତ ହୋଇ ଯାଇଥିବାରୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଚିଠି ସେ ଫେରସ୍ତ କରିଥିଲେ । ସ୍ୱର୍ଗତ ମୁଣ୍ଡାଙ୍କ ଦେହାନ୍ତ ବିଷୟ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କ ଚିଠି ସଂଖ୍ୟା ୮୩୧, ତା.୧.୩.୨୦୧୨ ଓ ୧୪୦୫, ତା.୧୭.୪.୨୦୧୨ ରିଖ ମାଧ୍ୟମରେ ସେ ସରକାରଙ୍କୁ ଅବଗତ କରାଇଥିବାର ବିଷୟ ଉକ୍ତ ପତ୍ରରେ ଦର୍ଶାଇ ଅଛନ୍ତି ।

ଓଡିଶା ମୁନିସିପାଲ ଆଇନର ଧାରା ୫୪, ଉପଧାରା ୨(ଘ) ଅନୁଯାୟୀ ଶ୍ରୀ ମାଧବ ଚନ୍ଦ୍ର ବରିହା ଓ.ପ୍ର.ସେ. ଜିଲ୍ଲାପାଳଙ୍କ ଦ୍ୱାରା ସ୍ୱତନ୍ତ୍ରଭାବେ ଅଧିକାର ପ୍ରାପ୍ତହୋଇ ପୌରପରିଷଦର ସ୍ୱତନ୍ତ୍ର ବରାଦି ବୈଠକରେ ସଭାପତିତ୍ୱ କରିଥିଲେ । ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ଘ.୧୦.୦୦ ମିନିଟ୍ ସୁଦ୍ଧା ପୌରପରିଷଦର ସମ୍ମିଳନୀ କକ୍ଷରେ ୨୪ ଜଣ ସଦସ୍ୟ ଉପସ୍ଥିତ ରହିଥିଲେ । ଓଡିଶା ମୁନିସିପାଲ ଆଇନ ଧାରା ୫୪, ଉପଧାରା (୧) ଅନୁଯାୟୀ ସଭାରେ ପୌର ପରିଷଦର ୨୮ ଜଣ ସଦସ୍ୟଙ୍କର ଦୁଇତୃତୀୟାଂଶରୁ ଅଧିକ ସଂଖ୍ୟକ ସଦସ୍ୟ ଉପସ୍ଥିତ ଥିବାରୁ ଗୁପ୍ତ ମତଦାନ ମାଧ୍ୟମରେ ମତ ଗ୍ରହଣ କରିବାର ଆବଶ୍ୟକ ପଡିଲା ।

ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ସଭ୍ୟ/ସଭ୍ୟାଙ୍କୁ ଏବଂ ସହକର୍ମୀମାନଙ୍କୁ ସ୍ୱାଗତ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ସେ ସଭାର ସମସ୍ତ କାର୍ଯ୍ୟକ୍ରମ ପୁଙ୍ଖାନୁପୁଙ୍ଖ ଭାବେ ଗୃହକୁ ଅବଗତ କରାଇବା ସଂଗେ ସଂଗେ ଗୃହରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସମସ୍ତ ସଭ୍ୟ/ସଭ୍ୟା ମାନଙ୍କୁ ଅନୁରୋଧ କରିଥିଲେ । ଅନାସ୍ଥା ପ୍ରସ୍ତାବ ସମ୍ବନ୍ଧୀୟ ସମସ୍ତ ବିଷୟ ଆଲୋଚନା ପରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଗୁପ୍ତ ମତଦାନ ଓ ଓଡିଶା ଉଚ୍ଚ ନ୍ୟାୟାଳୟ କେଶ୍ ସଂ.WP(C) 8242/2012 ଓ M.C.No.7189 of 2012 ଶ୍ରୀମତୀ ରୀନା ତ୍ରିବେଦୀ ବନାମ ଓଡିଶା ସରକାର ଓ ଅନ୍ୟାନ୍ୟର ତା.୪.୫.୨୦୧୨ ରିଖର ଆଦେଶ ସଂଖ୍ୟା ୦୨ ବିଷୟରେ ଅବଗତ କରାଇଥିଲେ । ଉପସ୍ଥିତ ମୋଟ ୨୪ ଜଣ ସଦସ୍ୟଙ୍କ ମଧ୍ୟରୁ କେବଳ ଶ୍ରୀମତୀ ରୀନା ତ୍ରିବେଦୀ ଭୋଟ ଦାନରୁ ବିରତ ରହିଲେ । ଭୋଟ ଦାନ ପରେ ପରେ ଭୋଟବାକ୍ସକୁ ସମସ୍ତଙ୍କ ସମ୍ମୁଖରେ ସିଲ୍ କରାଗଲା ଏବଂ ଏହାପରେ ଭୋଟବାକ୍ସ ଓ ଅନ୍ୟାନ୍ୟ କାଗଜ ପତ୍ରକୁ ଅନ୍ୟ ଏକ ବାକ୍ସରେ ବନ୍ଦକରି ଜିଲ୍ଲା କୋଷାଗାରରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆନ୍ୟାଦେଶ ପର୍ଯ୍ୟନ୍ତ ସଂରକ୍ଷିତ ରଖାଗଲା ।

ଉପସ୍ଥିତ ସଦସ୍ୟ/ସଦସ୍ୟାଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରାଗଲା ।

ସ୍ୱା/-ମାଧବ ଚନ୍ଦ୍ର ବରିହା
ସଭାପତି *ତଥା* ଅତିରିକ୍ତ ଜିଲ୍ଲାପାଳ
ସମ୍ବଲପୁର

ଜ୍ଞାପକ ସଂଖ୍ୟା 455, ତା. 7.5.2012

ଏହାର ଏକକିତା ନକଲ ଡାଇରେକ୍ଟର ମୁନିସିପାଲ ଆଡମିନିଷ୍ଟ୍ରେସନ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା / ଏହାର ଏକକିତା ନକଲ ଜିଲ୍ଲାପାଳ, ସମ୍ବଲପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା/-ମାଧବ ଚନ୍ଦ୍ର ବରିହା
ସଭାପତି *ତଥା* ଅତିରିକ୍ତ ଜିଲ୍ଲାପାଳ
ସମ୍ବଲପୁର

ସମ୍ବଲପୁର ପୌରପରିଷଦରେ ତା. ୭.୫.୨୦୧୨ ରିଖରେ ଅନୁଷ୍ଠିତ ହୋଇଥିବା
<u>ଅନାସ୍ଥା ପ୍ରସ୍ତାବର ଭୋଟ ଗଣତି ବିବରଣୀ ।</u>

ତା.୧୪.୫.୨୦୧୨ ରିଖ
ସମୟ: ଅପରାହ୍ନ ଘ. ୪.୦୦ ମିନିଟ୍ ।

ଗତ ତା.୭.୫.୨୦୧୨ ରିଖରେ ସମ୍ବଲପୁର ପୌରାଧ୍ୟକ୍ଷାଙ୍କ ବିରୁଦ୍ଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବଟି ଭୋଟ ଗ୍ରହଣପରେ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ କେଶ୍ ସଂଖ୍ୟା WP (c) 8242/2012 ଏବଂ M.C. Case No.7189/2012 ଶ୍ରୀମତୀ ରୀନା ତ୍ରିବେଦୀ ବନାମ ଓଡିଶା ସରକାର ଓ ଅନ୍ୟାନ୍ୟଙ୍କ ଆଦେଶ ସଂଖ୍ୟା ୨, ତା.୪.୫.୨୦୧୨ ରିଖ ମତେ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା ଏବଂ ଭୋଟବାକ୍ସକୁ ଜଉମୁଦ କରି ଜିଲ୍ଲା କୋଷାଗାରରେ ସଂରକ୍ଷିତ ରଖାଯାଇଥିଲା ।

ଅଦ୍ୟ ତା. ୧୪.୫.୨୦୧୨ ରିଖ ଦିନ ଆଡଭୋକେଟ ଜେନେରାଲ, ଓଡିଶାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା 20172, ତା. 14.5.2012 ରିଖ ମାଧ୍ୟମରେ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ କେଶ ସଂ.8242/2012 ର ତା.11.5.2012 ରିଖର ଆଦେଶ ସଂ.୩ ପ୍ରାପ୍ତ ହେବାପରେ ସମ୍ବଲପୁର ପୌରପରିଷଦର ସମସ୍ତ ସଦସ୍ୟ / ସଦସ୍ୟାଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୪୬୩, ତା.୧୪.୫.୨୦୧୨ରିଖ ମାଧ୍ୟମରେ ତା. ୧୪.୫.୨୦୧୨ ରିଖ ଅପରାହ୍ନ ଘ.୪.୦୦ମିନିଟ୍ ସମୟରେ ପୌର ପରିଷଦର ସମ୍ମିଳନୀ କକ୍ଷରେ ଭୋଟଗଣତି ହେବା ବିଷୟ ଜଣାଇ ଦିଆଯାଇ ଏହି ଭୋଟଗଣତି ସମୟରେ ଉପସ୍ଥିତ ରହିବାପାଇଁ ଅନୁରୋଧ କରାଗଲା । ନିର୍ଦ୍ଧାରିତ ସମୟରେ କଡା ସୁରକ୍ଷା ମଧ୍ୟରେ ଭୋଟବାକ୍ସକୁ ଜିଲ୍ଲା କୋଷାଗାରରୁ ସମ୍ବଲପୁର ପୌରପରିଷଦକୁ ଅଣାଗଲା । ଭୋଟ ଗଣତି ସମୟରେ ପୌରପରିଷଦ ନିମ୍ନ ସଦସ୍ୟ / ସଦସ୍ୟା ମାନେ ଉପସ୍ଥିତଥିଲେ ।

| କ୍ର.ସଂ. | ଉପସ୍ଥିତ ସଦସ୍ୟଙ୍କ ନାମ | ୱାର୍ଡ ନଂ. |
|---|---|---|
| (1) | (2) | (3) |
| ୧. | ଶ୍ରୀମତୀ ରୀନା ତ୍ରିବେଦୀ | ୨୩ |
| ୨. | ଶ୍ରୀ ସିଦ୍ଧାର୍ଥ ସାହା | ୧୦ |
| ୩. | ଶ୍ରୀ ଶ୍ରୀନିବାସ ମହାପାତ୍ର | ୧ |
| ୪. | ଶ୍ରୀମତୀ ରଶ୍ମୀତା ଆଚାର୍ଯ୍ୟ | ୨ |
| ୫. | ଶ୍ରୀ ବିଜୟ ସାହୁ | ୩ |
| ୬. | ଶ୍ରୀମତୀ ଦିପ୍ତିମୟୀ ବାରିକ | ୪ |
| ୭. | ଶ୍ରୀ ଭକ୍ତଚରଣ ମିର୍ଦ୍ଧା | ୫ |
| ୮. | ଶ୍ରୀ ସୁରେଶ ବର୍ଲା | ୭ |
| ୯. | ଶ୍ରୀ ଅଶ୍ୱିନୀ କୁମାର କଠାର | ୯ |
| ୧୦. | ଶ୍ରୀ ସୁବାସ କୁମାର ଅଗ୍ରୱାଲ | ୧୨ |

| (1) | (2) | (3) |
|---|---|---|
| ୧୧. | ଶ୍ରୀମତୀ କଳ୍ପନା ସାହୁ | ୧୫ |
| ୧୨. | ଶ୍ରୀ ମନୋଜ କୁମାର ପୋଡ | ୧୬ |
| ୧୩. | ଶ୍ରୀମତୀ ଅନୀତା ନାୟକ | ୧୭ |
| ୧୪. | ଶ୍ରୀ  କୃଷ୍ଣଚନ୍ଦ୍ର ବେହେରା | ୧୮ |
| ୧୫. | ଶ୍ରୀ ବିଦ୍ୟାଧର ସୁନା | ୧୯ |
| ୧୬. | ଶ୍ରୀମତୀ ଅନିତା ମେହେର | ୨୦ |
| ୧୭. | ଶ୍ରୀ ଲକ୍ଷ୍ମୀନାରାୟଣ ପଟେଲ | ୨୧ |
| ୧୮. | ଶ୍ରୀମତୀ କୁନ୍ତଳା ସତନାମୀ | ୨୨ |
| ୧୯. | ଶ୍ରୀମତୀ ଲକ୍ଷ୍ମୀ ଭୋଇ | ୨୪ |
| ୨୦. | ଶ୍ରୀମତୀ ସୂର୍ଯ୍ୟକାନ୍ତି ନାୟକ | ୨୭ |
| ୨୧. | ଶ୍ରୀ ସୁଶାନ୍ତ କୁମାର ଡନସନା | ୨୮ |
| ୨୨. | ଶ୍ରୀ ସୁଶାନ୍ତ କୁମାର ପୁରୋହିତ | ୨୯ |

ଭୋଟ ଗଣତି ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ *ତଥା* ସଭାପତି ସମସ୍ତ ସଦସ୍ୟ / ସଦସ୍ୟାଙ୍କୁ ସ୍ୱାଗତ ଜଣାଇ କକ୍ଷରେ ଶାନ୍ତିଶୃଙ୍ଖଳା ଓ ଶାଳୀନତା ରକ୍ଷାକରିବା ପାଇଁ ଅନୁରୋଧ କରିଥିଲେ । ସିଲ୍ ଭୋଟ ବାକ୍ସ ଉପରେ ପୂର୍ବରୁ ଦସ୍ତଖତ କରିଥିବା କେତେକ ସଦସ୍ୟ / ସଦସ୍ୟାଙ୍କୁ ତାଙ୍କ ଦସ୍ତଖତ କରିଥିବା କାଗଜ ଠିକ୍ ଅଛି କି ନାହିଁ ସେ ବିଷୟ ସଭାପତି ଦେଖାଇ ଦେଇଥିଲେ । ସିଲ୍ ଓ ଦସ୍ତଖତ ସବୁ ଯଥା ପୂର୍ବ ଥିବାରୁ ଏଥିରେ ଉପସ୍ଥିତ ଥିବା କାଉନ୍‌ସିଲ ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ । ପରେ ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭୋଟ ବାକ୍ସ ଖୋଲାଗଲା ଏବଂ ଭୋଟ କାଗଜ ଗଣତି କରାଗଲା । ଗତ ତା.୭.୫.୨୦୧୨ ରିଖ ୨୩ ଜଣ ସଦସ୍ୟ ଭୋଟ ଦାନ କରିଥିଲେ । ଆଜି ଗଣତି ସମୟରେ ଭୋଟ ବାକ୍ସରୁ ୨୩ ଟି ଭୋଟ କାଗଜ ମିଳିଲା ସେଥିରୁ ନିମ୍ନମତେ ଫଳାଫଳ ଜଣାଗଲା ।

୧. ଅନାସ୍ଥା ପ୍ରସ୍ତାବ ସପକ୍ଷରେ - ୧୯ ଭୋଟ
୨. ଅନାସ୍ଥା ପ୍ରସ୍ତାବ ବିପକ୍ଷରେ - ୩ ଭୋଟ
୩. ନାଚକ ହୋଇଥିବା ଭୋଟ - ୧ ଭୋଟ

ଓଡିଶା ମୁନିସିପାଲ ଆଇନ ୧୯୫୦ ଧାରା ୫୪(୧) ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦୁଇତୃତୀୟାଂଶ ସଦସ୍ୟ ତାଙ୍କ ମତଦାନ କରିଥିବାରୁ ଏହି ବିବରଣୀକୁ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଜଣାଇବାପାଇଁ ନିଷ୍ପତ୍ତି ନିଆଗଲା ।

ସ୍ୱା-
ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର

ଜ୍ଞାପକ ସଂଖ୍ୟା -୪୭୫/ ତା ୧୪.୦୫.୨୦୧୨

ଏହାର ଏକକିତା ନକଲ ଡାଇରେକ୍ଟର ମୁନିସିପାଲ ଆଡମିନିଷ୍ଟ୍ରେସନ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଓଡିଶା ରାଜ୍ୟ ନିର୍ବାଚନ କମିଶନ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ଜିଲ୍ଲାପାଳ ସମ୍ବଲପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା/-
ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର

[No. 15257-Elec.-53/2012/HUD.]
By Order of the Governor

H. K. TRIPATHY
Director, Municipal Administration &
*Ex Officio* Joint Secretary to Government

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 509-193+30